# ଅନୁଗୋଳ ଏନ୍‌କ୍ଲେଭ୍ ର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ।

## Laying foundation stone of Angul Enclave.

ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ଅନୁଗୋଳ ସହରରେ ବହୁ ପ୍ରତିକ୍ଷିତ ଅନୁଗୋଳ ଏନ୍‌କ୍ଲେଭ୍‌ର ଆଜି ଅପରାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଛ ପାର୍ଶ୍ୱରେ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ବିଧାନସଭାର ଉପ-ବାଚସ୍ପତି ତଥା ଅନୁଗୋଳ ବିଧାୟକ ଶ୍ରୀ ରଜନୀକାନ୍ତ ସିଂହ ମୁଖ୍ୟ ଅତିଥି ଓ ରାଜ୍ୟ ଗୃହ ଓ ସହରାଂଚଳ ଉନ୍ନୟନ,ଆଇନ୍,ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା ଉଦ୍‌ଘାଟକ ଭାବେ ଯୋଗ ଦେଇ ଏହାକୁ ଶିଳାନ୍ୟାସ କରିଛନ୍ତି । ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ଅଧ୍ୟକ୍ଷ ଶ୍ରୀ ପ୍ରିୟଦର୍ଶୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଏହି ପ୍ରକଳ୍ପ ଅନୁଗୋଳ ସହରରେ ଗଢି ଉଠୁଥିବା ବେସରକାରୀ ଆପାର୍ଟମେଣ୍ଟ ଗୁଡିକ ମଧ୍ୟରେ ପ୍ରଥମ ସରକାରୀ ଆପାଟମେଣ୍ଟ ଭାବେ ଉତ୍ତମ ମାନର ସୁବିଧା ଯୋଗାଇଦେବ ବୋଲି ପ୍ରକାଶ କରିଥିଲେ । ବିଭିନ୍ନ ରାଷ୍ଟ୍ରାୟତ୍ତ ସଂସ୍ଥା ଦ୍ୱାରା ବିସ୍ଥାପିତ ହେଉଥିବା



ପରିବାରଗୁଡିକ ଏହି ପ୍ରକଳ୍ପ ଦ୍ୱାରା ବିଶେଷ ଉପକୃତ ହେବା ସହ ଅନୁଗୋଳ ଜିଲ୍ଲାରେ ଏହା ପ୍ରଥମ ସରକାରୀ ପ୍ରକଳ୍ପ ଭାବେ ଲୋକମାନଙ୍କ ଦ୍ୱାରା ବିଶେଷ ଆଦୃତ ହେବ ବୋଲି ପ୍ରକାଶ କରିଥିଲେ । ଅନୁଗୋଳ ଜିଲ୍ଲାରେ ରାଜ୍ୟ ଗୃହ ନିର୍ମାଣ ବିଭାଗ ଦ୍ୱାରା ୨ଟି ପର୍ଯ୍ୟାୟରେ ହେଉଥିବା ଏହି ପ୍ରକଳ୍ପ ମାଧ୍ୟମରେ ଲୋକମାନଙ୍କୁ ଉତ୍ତମମାନର ଗୃହ ସହିତ ଆନୁସଙ୍ଗିକ ସୁବିଧା ଯୋଗାଇ ଦିଆଯିବ ବୋଲି ଉଦଘାଟକ(ମନ୍ତ୍ରୀ) ପ୍ରକାଶ କରିଥିଲେ । ସରକାର ସହରାଂଚଳରେ ବସବାସ କରୁଥିବା ବିଭିନ୍ନ ବର୍ଗର ଲୋକମାନଙ୍କ ପାଇଁ ଅଧିକ ଗୃହ ନିର୍ମାଣ କରି ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛନ୍ତି । ଅନୁଗୋଳ ବ୍ୟତିତ ଅନ୍ୟ ଜିଲ୍ଲା ଗୁଡିକରେ ମଧ୍ୟ ଏହିଭଳି ପ୍ରକଳ୍ପ କାର୍ଯ୍ୟ ଖୁବ୍ ଶିଘ୍ର ଆରମ୍ଭ ହେବ ବୋଲି ସେ ପ୍ରକାଶ କରିଥିଲେ । ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ଅଧ୍ୟକ୍ଷ ଦାୟିତ୍ୱ ନେବା ପରେ ଅନୁଗୋଳରେ ତାଙ୍କର ଏହା ହେଉଛି ପ୍ରଥମ ପ୍ରକଳ୍ପ । ପ୍ରଥମ ପର୍ଯ୍ୟାୟରେ ୩୩୧ ଟି ଓ ୨ୟ ପର୍ଯ୍ୟାୟରେ ୨୮୨ଟି ଘର ନିର୍ମାଣ ହେବ । ୨୮୨ଟି ଘର ମଧ୍ୟରୁ ୧୨୬ଟି ଘର କେବଳ ଅର୍ଥନୈତିକ କ୍ଷେତ୍ରରେ ଦୁର୍ବଳ ଶ୍ରେଣୀର ପରିବାର ପାଇଁ ଉଦ୍ଦିଷ୍ଟ ବୋଲି ଅଧ୍ୟକ୍ଷ ପ୍ରକାଶ କରିଥିଲେ । ଉତ୍ତମମାନର ଘର ନିର୍ମାଣ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ । ଅନୁଗୋଳ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସହରର ଉପକଣ୍ଠରେ ହେଉଥିବା ଏହି ଆପାର୍ଟମେଣ୍ଟରେ ଅନେକ ପରିବାର ରହିବା ଦ୍ୱାରା ସେଠାରେ ଏକ ଉତ୍ତମ ଭାଇଚାରା ଓ ସଂସ୍କୃତି ଗଢି ଉଠିବ । ଏହି ଆପାର୍ଟମେଣ୍ଟର ଚତୁଃପାର୍ଶ୍ୱରେ ସମସ୍ତ ପ୍ରକାର ମୌଳିକ ସୁବିଧା ଉପଲବ୍ଧ ଥିବାରୁ ଏହା ସମସ୍ତଙ୍କ ପାଇଁ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ଗ୍ରାମ୍ୟ ଗୃହ ଓ ଉନ୍ନୟନ ନିଗମର ଅଧ୍ୟକ୍ଷ ଶ୍ରୀ ମିନକେତନ ଅମାତ୍ୟ ଓ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଶ୍ରୀ ସୁନିଲ କୁମାର ପ୍ରଧାନ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହି ପ୍ରକଳ୍ପ ଅନୁଗୋଳର ବିଭିନ୍ନ ବର୍ଗର ଲୋକମାନଙ୍କ ପାଇଁ ବିଶେଷ ସହାୟକ ହେବ ବୋଲି ପ୍ରକାଶ କରିଥିଲେ । ପ୍ରାରମ୍ଭରେ ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର କମିଶନର ତଥା ସଚିବ ଶ୍ରୀ ଗଙ୍ଗାଧର ପାତ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଏହି ପ୍ରକଳ୍ପର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ପ୍ରକଳ୍ପରେ ୨ଟି ପର୍ଯ୍ୟାୟରେ ସମୁଦାୟ ୬୧୩ଟି ଘର ଉଚ୍ଚ ବର୍ଗର ଆୟକାରୀ,ମଧ୍ୟମ ବର୍ଗର ଆୟକାରୀ ଓ ନିମ୍ନ ବର୍ଗର ଆୟକାରୀ ପରିବାରଙ୍କୁ ଯୋଗାଇ ଦିଆଯିବ । ବିଲଡରମାନଙ୍କର ଏକଚାଟିଆ ନୀତିକୁ ପ୍ରତିହତ କରିବା ପାଇଁ ରିୟଲ ଇଷ୍ଟେଟ୍ ରେଗୁଲେସନ୍ ଆକ୍ଟ ଦ୍ୱାରା ଏହା ପଞ୍ଜିକୃତ ହେବା ପରେ ଗୃହ କାର୍ଯ୍ୟ ଆଜି ଠାରୁ ଆରମ୍ଭ ହୋଇଛି । ଆସନ୍ତା ୩ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ଘର ହସ୍ତାନ୍ତର କରାଯିବ ।ଏହି ପ୍ରକଳ୍ପରେ ୩୫ ପ୍ରତିଶତ ଯାଗା ଖେଳପଡିଆ, ବଗିଚା,ଚିତ୍ତବିନୋଦନ କେନ୍ଦ୍ର ଆଦି ଆନୁସଙ୍ଗିକ ସୁବିଧା ପାଇଁ ରଖାଯାଇଛି । ବୁକିଂ ସମୟରେ ଯେଉଁ ଧାର୍ଯ୍ୟ ମୂଲ୍ୟ ଦର୍ଶାଯାଇଛି ବଜାର ଦରରେ ବୃଦ୍ଧି ଘଟିଲେ ମଧ୍ୟ ଏହା ଅପରିବର୍ତ୍ତିତ ରହିବ ବୋଲି ସେ ପ୍ରକାଶ କରିଥିଲେ । ଏହି ଗୃହ ନିର୍ମାଣ କାର୍ଯ୍ୟକୁ ଗୁଜୁରାଟର ଆଇରନ୍ ଟ୍ରାଂଗଲ୍ କମ୍ପାନୀକୁ ଦିଆଯାଇଛି । ଘର ଆବେଦନ ନିମନ୍ତେ ବ୍ୟାଙ୍କ ଅଫ୍ ବରୋଦା,ଭାରତୀୟ ଷ୍ଟେଟ ବ୍ୟାଙ୍କ,କଟକ ଓ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ସମେତ ଅନୁଗୋଳ କାର୍ଯ୍ୟାଳୟ ଠାରେ ଫର୍ମ ଉପଲବ୍ଧ ହେବ । ଆସନ୍ତା ମାସ ୩୦ ତାରିଖ ହେଉଛି ଆବେଦନ କରିବାର ଶେଷ ତାରିଖ । ଶେଷରେ ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ମୁଖ୍ୟ ଯନ୍ତ୍ରୀ ଶ୍ରୀ ମଦନ ମୋହନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ନାୟକ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ନିର୍ବାଚିତ ଲୋକପ୍ରତିନିଧି ଓ ବିଭାଗୀୟ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।




APPROVED ORERA PROJECT
EWS, LIG (1 BHK), MIG (2 BHK) & HIG (3 BHK) Flats
Infrastructure Facilities :
● Internal Concrete Road/Pavement ● Pipe Water Supply ● Electrification with Transformer ● Sewerage Disposal with STP ● Lifts for HIG, MIG & LIG Flats ● Fire Fighting System ● Rain Water Recharge Pit. ● Children's Park, Play Ground ● Community Centre with Shopping.
Enclave
Multi Storied Residential Apartment Complex in Angul Town
Prime Location - Near Dist. HQ. Hospital, Main Market Area
WELCOMES
FOUNDATION STONE LAYING CEREMONY
On 30th October 2019
Shri Rajanikant Singh
Shri Mahesh Sahoo
Sj. Naveen Patnaik
Shri Pratap Jena
ODISHA STATE HOUSING BOARD
A Government of Odisha Undertaking
Sachivalaya Marg, A/32, Kharavela Nagar, Bhubaneswar-751 001

